# NATIONAL NEWS BULLETIN (ODIA)

## 19 April - 2024

## Morning Bulletin : 7.15 A.M.

**********************************

## ମୁଖ୍ୟ ସମ୍ବାଦ

- ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ମତଦାନ ଏହି ଅଳ୍ପ ସମୟ ପୂର୍ବରୁ ଆରମ୍ଭ ହୋଇଛି ।
- ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାର କହିଛନ୍ତି, ମତଦାତା ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ଏବଂ ଦାୟିତ୍ୱବୋଧକୁ ଉପଯୋଗ କରିବାର ଆବଶ୍ୟକତା ରହିଛି ।
- ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସନ୍ଧ୍ୟାରେ ମହାରାଷ୍ଟ୍ରର ୱାର୍ଦ୍ଧା ଲୋକସଭା ନିର୍ବାଚନ ମଣ୍ଡଳୀର ତଲେଗାଓଁ ଠାରେ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେବେ ।
- ଆସନ୍ତାମାସ ମାସ ୧୩ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଗତକାଲି ଠାରୁ ଆରମ୍ଭ ହୋଇଛି ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ’ ପଞ୍ଜାବ୍ କିଙ୍ଗସ୍‌କୁ ୯ରନ୍‌ରେ ପରାସ୍ତ କରିଛି ।

– ଆଜି ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ଏବଂ ଚେନ୍ନାଇ ସୁପର କିଙ୍ଗସ୍ ମଧ୍ୟରେ ମୁକାବିଲା ହେବ ।

# ଜେନେରାଲ ଇଲେକ୍ସନ୍-ଫାଷ୍ଟ ଫେଜ୍

ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ମତଦାନ ଏହି ଅଳ୍ପ ସମୟ ପୂର୍ବରୁ ଆରମ୍ଭ ହୋଇଛି । ଏହି ପର୍ଯ୍ୟାୟରେ ୧୭ଟି ରାଜ୍ୟ ଓ ୪ଟି କେନ୍ଦ୍ରଶାସିତ ଅଞ୍ଚଳର  ମୋଟ୍ ୧୦୨ଟି ଆସନରେ ମତଦାନ ଅନୁଷ୍ଠିତ ହେଉଛି। ସେଗୁଡ଼ିକ ମଧ୍ୟରେ ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଆସାମ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ତାମିଲନାଡୁ, ଉତ୍ତରାଖଣ୍ଡ, ଅରୁଣାଚଳ ପ୍ରଦେଶ, ମଣିପୁର ଓ ମେଘାଳୟ ରହିଛି। ସେଥିମଧ୍ୟରେ ୧୧ଟି ଆସନ ଅନୁସୂଚିତ ଉପଜାତି ବର୍ଗ ଓ ୧୮ଟି ଆସନ ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷିତ ରହିଛି।

ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ, ସର୍ବାନନ୍ଦ ସୋନଓ୍ୱାଲ୍, କିରଣ ରିଜିଜୁ, ଜୀତେନ୍ଦ୍ର ସିଂହ, ସଞ୍ଜୀବ ବଲିୟାଁ ବିଜେପି ନେତା ତାମିଲ୍‌ସାଇ ସୁନ୍ଦରରାଜନ୍ ଜିତିନ୍ ପ୍ରସାଦ, କଂଗ୍ରେସ ନେତା ଗୌରବ ଗୋଗୋଇ, କାର୍ତ୍ତି ଚିଦାମ୍ବରମ୍, ନକୁଳ ନାଥ, ଡିଏମ୍‌କେ ନେତା ଦୟାନିଧି ମାରାନ୍‌ଙ୍କୁ ମିଶାଇ୧ହଜାର ୬୨୫ ଜଣ ପ୍ରାର୍ଥୀଙ୍କର ରାଜନୈତିକ ଭାଗ୍ୟ ନିର୍ଦ୍ଧାରିତ ହେବ।

ଏହି ପର୍ଯ୍ୟାୟରେ ୧୬ କୋଟି ୬୩ ଲକ୍ଷ ମତଦାତା ୧ ଲକ୍ଷ ୬୩ ହଜାର ମତଦାନ କେନ୍ଦ୍ରରେ ଭୋଟ୍ ଦେବେ । ମୋଟ୍ ଭୋଟରଙ୍କ ମଧ୍ୟରେ ୮ କୋଟି ୪୦ ଲକ୍ଷ ପୁରୁଷ ଥିବାବେଳେ ୮ କୋଟି ୨୩ ଲକ୍ଷ ମହିଳା ଓ ୧୧ ହଜାର କ୍ଲୀବ ଭୋଟର ଅଛନ୍ତି । ପ୍ରଥମ ଥର ପାଇଁ ମତଦାନ କରୁଥିବା ୩୬ ଲକ୍ଷ ଯୁବା ଭୋଟର ଆଜି ସେମାନଙ୍କର ମତଦାନ ଅଧିକାର ସାବ୍ୟସ୍ତ କରିବେ। ଏହି ପର୍ଯ୍ୟାୟରେ ୮୫ ବର୍ଷରୁ ଅଧିକ ବୟସର ୧୪ ଲକ୍ଷ ଭୋଟର ଓ ୧୪ ଲକ୍ଷ ଦିବ୍ୟାଙ୍ଗ ଭୋଟରଙ୍କୁ ଘରୁ ମତଦାନ କରିବାର ବିକଳ୍ପ ଦିଆଯାଇଛି ।

ଆମ ସମ୍ବାଦଦାତା ଜଣାଇଛନ୍ତି, ପ୍ରତ୍ୟେକ ମତଦାତା ସହଜରେ ଆସି ମତଦାନ କରିବା ପାଇଁ ନିର୍ବାଚନ କମିଶନ ଜଳ, ଆଶ୍ରୟସ୍ଥଳି, ଶୌଚାଳୟ, ରାମ୍ପ, ସ୍ୱେଚ୍ଛାସେବୀ, ହ୍ୱିଲ୍‌ଚେୟାର ଓ ବିଦ୍ୟୁତ୍ ଭଳି ମୌଳିକ ସୁବିଧା ଯୋଗାଇଛି । ଭୋଟ୍‌ଗ୍ରହଣ କାରୀ ଅଫିସର ଓ ନିରାପତ୍ତା ବାହିନୀ ଯବାନ୍‌ମାନଙ୍କ ମୁତୟନ ପାଇଁ ୪୧ଟି ହେଲିକପ୍ଟର, ୮୪ଟି ସ୍ୱତନ୍ତ୍ର ଟ୍ରେନ୍ ଓ ୧ ଲକ୍ଷ ଗାଡି ମୁତୟନ କରାଯାଇଛି । ନିର୍ବାଚନ ପ୍ରକ୍ରିୟା ଉପରେ ନଜର ରଖିବାକୁ ବିଭିନ୍ନ ସ୍ଥାନରେ ୩୬୧ ଜଣ ପର୍ଯ୍ୟବେକ୍ଷକ ମୁତୟନ ହୋଇଛନ୍ତି ।

୪ ହଜାରରୁ ଅଧିକ ଫ୍ଲାଇଙ୍ଗ୍‌ସ୍କ୍ୱାଡ୍, ୫ ହଜାରରୁ ଅଧିକ ପରିସଂଖ୍ୟାନ ତଦାରଖ ଟିମ୍ ଓ ୨ ହଜାର ଭିଡିଓ ତଦାରଖ ଟିମ୍ ଅହରହ ନଜର ରଖିବେ । ଶତକଡା ୫୦ ଭାଗ ଭୋଟଗ୍ରହଣ କେନ୍ଦ୍ରରେ ୱେବ୍‌କାଷ୍ଟିଂ କରାଯିବ। ସମସ୍ତ ଭୋଟଗ୍ରହଣ କେନ୍ଦ୍ରରେ କ୍ଷୁଦ୍ର ପର୍ଯ୍ୟବେକ୍ଷକମାନେ

ମୁତୟନ ହେବେ। ୧ ହଜାର ୩୦୦ ଆନ୍ତଃରାଜ୍ୟ ସୀମାନ୍ତଘାଟି ଓ ୧୬୨ଟି ଆନ୍ତର୍ଜାତିକ ସୀମାନ୍ତଘାଟି ଉପରେ କଡା ନଜର ରଖାଯାଇଛି। ମାଦକଦ୍ରବ୍ୟ, ନିଶାଦ୍ରବ୍ୟ, ଟଙ୍କା ଓ ଉପହାର ସାମଗ୍ରୀଗୁଡ଼ିକର ଚାଲାଣ ଉପରେ ନଜର ରଖାଯାଇଛି। ସମୁଦ୍ରପଥ ଓ ଆକାଶପଥରେ ମଧ୍ୟ କଡା ପହରା ଦିଆଯାଇଛି।

## ରାଜୀବ କୁମାର

ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାର କହିଛନ୍ତି, ମତଦାତା ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ଏବଂ ଦାୟିତ୍ୱବୋଧକୁ ଉପଯୋଗ କରିବାର ଆବଶ୍ୟକତା ରହିଛି । ଆଜିଠାରୁ ଆରମ୍ଭ ହୋଇଥିବା ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ ପରିପ୍ରେକ୍ଷୀରେ ଆକାଶବାଣୀକୁ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ଶ୍ରୀ କୁମାର କହିଛନ୍ତି, ପ୍ରତ୍ୟେକ ଭୋଟର ସେମାନଙ୍କର ପରିବାର, ଆଗାମୀ ପିଢ଼ି, ପରିବେଶ ତଥା ଦେଶର ହିତକୁ ଦୃଷ୍ଟିରେ ରଖି ନିଜର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବା ଉଚିତ୍ । ଗୋଟିଏ ଭୋଟର ରହିଥିବା ଗୁରୁତ୍ୱକୁ ମତଦାତା ବୁଝିବା ଦରକାର ବୋଲି ସେ କହିଛନ୍ତି । ଗୋଟିଏ ଭୋଟ ବଳରେ ହିଁ ଅନେକ ସମୟରେ ବହୁ ନିଷ୍ପତ୍ତି ପରିବର୍ତ୍ତିତ ମଧ୍ୟ ହୋଇଥାଏ । ସେ କହିଛନ୍ତି, ଭାରତରେ ସବୁବେଳେ ଭୋଟ ଗ୍ରହଣ ସ୍ୱଚ୍ଛ, ଅବାଧ ଏବଂ ମୁକ୍ତ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଥାଏ ।

ମତଦାତା ବହୁ ବିଷୟକୁ ବିଚାର କରି ତାଙ୍କର ମତାଧିକାର ସାବ୍ୟସ୍ତ କରିଥାନ୍ତି ବୋଲି ସେ କହିଛନ୍ତି । ନିର୍ବାଚନ ପ୍ରସ୍ତୁତି ସମ୍ପର୍କର ମତଦେବାକୁ ଯାଇ ସେ କହିଛନ୍ତି, ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ପୁଲିଂ ବୁଥ୍‌ରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି । ଭୋଟଦାତାଙ୍କୁ ମୌଳିକ ସୁବିଧା ସୁଯୋଗ ପ୍ରଦାନ ପାଇଁ ମଧ୍ୟ ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି । ଦିବ୍ୟାଗଙ୍କ ପାଇଁ ହ୍ୱିଲ୍ ଚେୟାର୍ ଏବଂ ସ୍ୱଚ୍ଛାସେବୀ ତଥା ହେଲ୍ପ ଡେସ୍କ୍‌ର ବ୍ୟବସ୍ଥା ହୋଇଥିବା ନେଇ ଶ୍ରୀ କୁମାର ସୂଚନା ଦେଇଛନ୍ତି । ୮୫ ବର୍ଷରୁ ଅଧିକ ବୟସ୍କ ତଥା ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ଘରେ ଥାଇ ମତଦାନ କରିବାର ବ୍ୟବସ୍ଥା ମଧ୍ୟ କରାଯାଇଛି ବୋଲି ମଧ୍ୟ ସେ କହିଛନ୍ତି । ଗ୍ରୀଷ୍ମ ପ୍ରକୋପକୁ ଦୃଷ୍ଟିରେ ରଖି ମତଦାନ କେନ୍ଦ୍ରକୁ ଯିବା ପାଇଁ ସେ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି, ଭାରତୀୟ ଭୋଟର ନିଜର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବାକୁ ଗ୍ରୀଷ୍ମର ପ୍ରକୋପକୁ ମଧ୍ୟ ପ୍ରତିହତ କରିପାରିବେ ।

## ପିଏମ୍

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସନ୍ଧ୍ୟାରେ ମହାରାଷ୍ଟ୍ରର ଓ୍ୱାର୍ଦ୍ଧା ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତଲେଗାଓଁ ଗ୍ରାମରେ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେବେ ।

ସେଠାରୁ ଦଳୀୟ ସାଂସଦ ରାମଦାସ ତଦାସ ତୃତୀୟ ଥର ପାଇଁ ନିର୍ବାଚନ ଲଢୁଛନ୍ତି । ଅନ୍ୟ ପକ୍ଷରେ ମହାବିକାଶ ଅଘାଡ଼ି, ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି ଶରଦଚନ୍ଦ୍ର ପାୱାର୍ ଦଳ ପକ୍ଷରୁ ଅମର କାଳେ ପ୍ରାର୍ଥୀ ହୋଇଛନ୍ତି । ଶ୍ରୀ କାଳେ ପ୍ରଥମଥର ପାଇଁ ଏହି ନିର୍ବାଚନ ରଣାଙ୍ଗନରେ ଅଛନ୍ତି । ସେହିଭଳି ଡକ୍ଟର ମୋହନ ରାଇକୱାର୍ ବହୁଜନ ସମାଜବାଦୀ ପାର୍ଟି ପକ୍ଷରୁ ଏହି ଆସନ ପାଇଁ ପ୍ରାର୍ଥୀ ହୋଇଛନ୍ତି । ୱାର୍ଦ୍ଧା ଲୋକସଭା ଆସନ ପାଇଁ ୨୪ ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି । ଆସନ୍ତା ୨୬ ତାରିଖରେ ୱାର୍ଦ୍ଧାକୁ ମିଶାଇ ଅନ୍ୟ ୪ଟି ଲୋକସଭା ଆସନ ପଶ୍ଚିମ ବିଦର୍ଭ- ଅମରାବତୀ, ୟଭତମାଲ୍-ୱାସିମ୍, ବୁଲ୍‌ଦାନ ଏବଂ ଅକୋଲା ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ ।

## ଓଡ଼ିଶା-ଇଲେକ୍‌ସନ୍

ଆସନ୍ତାମାସ ମାସ ୧୩ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଗତକାଲି ଠାରୁ ଆରମ୍ଭ ହୋଇଛି । ଓଡ଼ିଶାରେ ଏହି ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ କଳାହାଣ୍ଡି, କୋରାପୁଟ (ସଂରକ୍ଷିତ), ନବରଙ୍ଗପୁର ଓ ବ୍ରହ୍ମପୁର ଲୋକସଭା ଆସନ ସମେତ ୨୮ଟି ବିଧାନସଭା ଆସନ ପାଇଁ ମତଗ୍ରହଣ କରାଯିବ । ୨୫ ତାରିଖ ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଜାରି ରହିବ । ୨୬

ତାରିଖ ନାମାଙ୍କନପତ୍ର ଗୁଡ଼ିକର ଯାଞ୍ଚ କରାଯିବ ଏବଂ ୨୯ ତାରିଖକୁ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ ଭାବେ ଧାର୍ଯ୍ୟ କରାଯାଇଛି ।

ଏ ସଂକ୍ରାନ୍ତ ବିଜ୍ଞପ୍ତି ଗତକାଲି ପ୍ରକାଶ ପାଇଛି । ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ବିଭିନ୍ନ ସ୍ୱୀକୃତି ପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ନିର୍ବାଚନ ପରିଚାଳନା ନେଇ ବୈଠକ କରିଛନ୍ତି । ନିର୍ବାଚନକୁ ସ୍ୱଚ୍ଛ, ମୁକ୍ତ, ଅବାଧ ଏବଂ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ନିମନ୍ତେ ସେ ସବୁ ରାଜନୈତିକ ଦଳର ସହଯୋଗ କାମାନା କରିଛନ୍ତି । ଆଦର୍ଶ ଆଚରଣବିଧି କଡ଼ାକଡ଼ି ଭାବେ ଅନୁପାଳନ କରିବାକୁ ପ୍ରତ୍ୟେକ ସବୁ ପ୍ରାର୍ଥୀଙ୍କୁ ଅନୁରୋଧ କରାଯାଇଛି । ରାଜନୈତିକ ଦଳ ଗୁଡ଼ିକ 'ସୁବିଧା' ଆପ୍‌ରେ ଅନ୍‌ଲାଇନ୍ ମାଧ୍ୟମରେ ଅନୁମତି ପାଇଁ ଆବେଦନ କରିବାକୁ ଶ୍ରୀ ଧଳ ପରାମର୍ଶ ଦେଇଛନ୍ତି । ପ୍ରଚାର ସମୟରେ ବ୍ୟକ୍ତିଗତ ଆକ୍ଷେପରୁ ଦୂରେଇ ରହିବାକୁ ମଧ୍ୟ ସେ ପ୍ରାର୍ଥୀଙ୍କୁ ପରାମର୍ଶ ଦେଇଛନ୍ତି ।

## ଜୟଶଙ୍କର

ଆଫ୍‌ଗାନିସ୍ତାନରେ ଅବସ୍ଥାପିତ ଜାତିସଂଘ ସହାୟତା ମିଶନ୍‌ର ସ୍ୱତନ୍ତ୍ର ପ୍ରତିନିଧି ରୋଜା ଓଟୁବାୟେଭା ଗତକାଲି ନୂଆଦିଲ୍ଲୀ ଠାରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ସହ ସାକ୍ଷାତ ଆଲୋଚନା କରିଛନ୍ତି । ଆଫ୍‌ଗାନିସ୍ତାନର ସାମ୍ପ୍ରତିକ ପରିସ୍ଥିତି ନେଇ ସେମାନଙ୍କ

ମଧ୍ୟରେ ଆଲୋଚନା ହୋଇଛି । ଡକ୍ଟର ଜୟଶଙ୍କର କହିଛନ୍ତି, ଆଫ୍‌ଗାନିସ୍ତାନବାସୀଙ୍କ ସହାୟତା ଲକ୍ଷ୍ୟରେ ଭାରତ ଗହମ, ଔଷଧ ତଥା ଅନ୍ୟାନ୍ୟ ପଦାର୍ଥ ଯୋଗାଇ ଦେଇଛି । ଶ୍ରୀ ଜୟଶଙ୍କର ସାମ୍ପ୍ରତିକ ପରିସ୍ଥିତିରେ ଜାତିସଂଘର ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଛନ୍ତି ।

## କ୍ରୁଜ୍ କ୍ଷେପଣାସ୍ତ୍ର ପରୀକ୍ଷା

ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ - ଡି.ଆର୍.ଡି.ଓ. ପକ୍ଷରୁ ଓଡ଼ିଶାର ଚାନ୍ଦିପୁରସ୍ଥିତ ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ୍ - ଆଇ.ଟି.ଆର୍.ରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ କ୍ରୁଜ୍ କ୍ଷେପଣାସ୍ତ୍ର - ଆଇ.ଟି.ସି.ଏମ୍.ର ଗତକାଲି ସଫଳ ପରୀକ୍ଷଣ କରାଯାଇଛି । ଏହି କ୍ଷେପଣାସ୍ତ୍ରର କାର୍ଯ୍ୟଦକ୍ଷତାକୁ ରାଡାର୍, ଇଲେକ୍ଟ୍ରୋ ଅପ୍ଟିକାଲ୍ ଟ୍ରାକିଙ୍ଗ୍ ସିଷ୍ଟମ୍ - ଇ.ଓ.ଟି.ଏସ୍. ଏବଂ ଆଇ.ଟି.ଆର୍.ଦ୍ୱାରା ବିଭନ୍ନ ସ୍ଥାନରେ ନିୟୋଜିତ ଟେଲିମେଟ୍ରିଦ୍ୱାରା ନିରୀକ୍ଷଣ କରାଯାଇଥିଲା । ଭାରତୀୟ ବାୟୁସେନାର ସୁ-୩୦ ଏମ୍.କେ.-୧ ବିମାନରୁ ଏହି କ୍ଷେପଣାସ୍ତ୍ର ଉପରେ ନଜର ରଖାଯାଇଥିଲା । ଏହି କ୍ଷେପଣାସ୍ତ୍ର ୱେ ପଏଣ୍ଟ ନାଭିଗେସନ ବ୍ୟବହାର କରି ଆବଶ୍ୟକ ପଥ ଅନୁସରଣ କରିଥିଲା ଏବଂ ଅତ୍ୟନ୍ତ ନିମ୍ନ ଉଚ୍ଚତା ବିଶିଷ୍ଟ ସମୁଦ୍ର ସ୍କିମିଙ୍ଗ୍ ଉଡ଼ାଣ ପରିଦର୍ଶନ କରିଥିଲା । ବେଙ୍ଗାଲୁରୁସ୍ଥିତ ଗ୍ୟାସ୍ ଟର୍ବାଇନ୍ ରିସର୍ଚ୍ଚ ଏଷ୍ଟାବ୍ଲିଶମେଣ୍ଟ - ଜି.ପି.ଆଇ.ଦ୍ୱାରା ବିକଶିତ ଏହି

ସ୍ୱଦେଶୀ ପ୍ରପଲ୍‌ସନ୍ ସିଷ୍ଟମ୍ ସଫଳ ଭାବେ କାର୍ଯ୍ୟ କରିଥିବାର ଜଣାପଡ଼ିଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଇ.ଟି.ସି.ଏମ୍.ର ସଫଳ ଉଡ଼ାଣ ପରୀକ୍ଷଣ ପାଇଁ ଡି.ଆର୍.ଡି.ଓ.ର ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ’ ପଞ୍ଜାବ୍ କିଙ୍ଗସ୍‌କୁ ୯ରନ୍‌ରେ ପରାସ୍ତ କରିଛି । ଟସ୍ ଜିତି ପଞ୍ଜାବ ମୁମ୍ବାଇକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ମୁମ୍ବାଇ ୭ ୱିକେଟ୍‌ରେ ୧୯୨ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ସୂର୍ଯ୍ୟ କୁମାର ଯାଦବ ୭୮ରନ୍‌ର ପାଳି ଖେଳିଥିଲେ । ପଞ୍ଜାବ ପକ୍ଷରୁ ହର୍ଷଲ ପଟେଲ୍ ୩ଟି ୱିକେଟ୍ ଅକ୍ତିଆର କରିଥିଲେ ।

୧୯୩ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ପଞ୍ଜାବ୍ କିଙ୍ଗ୍ ୧୯ ଓଭର ଗୋଟିଏ ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୮୩ରନ୍ କରିବାକୁ ସକ୍ଷମ ହୋଇଥିଲା । ୨୧ରନ୍ ଦେଇ ୩ଟି ୱିକେଟ୍ ନେଇଥିବା ଯଶପ୍ରୀତି ବୁମ୍‌ରାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା । ଏହି ବିଜୟ ସହ ମୁମ୍ବାଇ ୭ଟି ମ୍ୟାଚ୍‌ରୁ ୬ ପଏଣ୍ଟ ହାସଲ କରି ତାଲିକାର

ସପ୍ତମ ସ୍ଥାନରେ ଥିବା ବେଳେ ପଞ୍ଜାବ ୪ ପଏଣ୍ଟ ସହ ନବମ ସ୍ଥାନରେ ରହିଛି ।

ଆଜି ଲକ୍ଷ୍ନୌର ଏକନା କ୍ରିକେଟ୍ ଷ୍ଟାଡିୟମ୍ ଠାରେ ଲକ୍ଷ୍ନୌ ସୁପର ଜ୍ୟାଟସ୍ ଓ ଚେନ୍ନାଇ ସୁପରକିଙ୍ଗସ୍ ମଧ୍ୟରେ ସନ୍ଧ୍ୟା ସାଢ଼େସାତଟାରେ ମୁକାବିଲା ହେବ ।